ଲୋକଗୀତ ସଙ୍କଳନ

ଚିଠି ଗୀତ

ବିଜୟ କୁମାର ମହାନ୍ତି

Digitized by PPRACHIN, SOA

Digitized by PPRACHIN, SOA

ଲୋକଗୀତ ସଂକଳନ

ଚିଠି ଗୀତ

ବିଜୟ କୁମାର ମହାନ୍ତି

ପ୍ରକାଶକ

ଇ. ଜି. ପବ୍ଲିକେଶନ୍ସ

ତଗରପଡ଼ା, କଟକ - ୨

Digitized by PPRACHIN, SOA

ଚିଠି ଗୀତ (ଲୋକଗୀତ ସଂକଳନ)

ବିଜୟ କୁମାର ମହାନ୍ତି
ଠିକଣା : କସର୍ଦା, କଟକ

ପ୍ରକାଶକ :: ଇ.ଜି ପବ୍ଲିକେଶନ୍ସ, ଡଗରପଡ଼ା, କଟକ-୨

ପ୍ରଥମ ପ୍ରକାଶ :: ୨୦୧୩

ମୂଲ୍ୟ : ଟ. ୬୦.୦୦ (ଷାଠିଏ ଟଙ୍କା) ମାତ୍ର

Chithi Geeta (Folk Song Collection)
by Bijaya Kumar Mohanty

Published by :: E.G. Publications,
Dagarapada, Cuttack-2

First Edition : 2013
Price Rs. 60/-

Digitized by PPRACHIN, SOA

କେହି ସମ୍ପର୍କରେ

କିଶୋରୀ ଝିଅ । ଚପଳ ବୟସ, ଚଞ୍ଚଳ ପ୍ରକୃତି ଓ ଚହଲା ମନ । ଏହି ବୟସର ଝିଅଟିଏ ଖେଳାବୁଲା ସହ ସାଙ୍ଗସାଥୀରେ ଦିନକାଟେ । ବଉଳ, ମକର, ସହି, ସଙ୍ଗାତ ଡକାହକା ଭିତରେ ସମ୍ପର୍କ ଗଢ଼େ, ଆତ୍ମୀୟତା ବଢ଼ାଏ । ଟିକିଏ ଶ୍ରଦ୍ଧା ଆଉ ସ୍ନେହରେ ସେ ଆପଣାର ହୋଇଯାଏ । ସବୁକଥା ସେ ସାଙ୍ଗ ଆଗରେ ବାଢ଼ିଦିଏ । ନିଜ ସୁଖଦୁଃଖକୁ ସେ ବାଣ୍ଟିଦିଏ ସାଙ୍ଗ ସହ । ଆଉ କାହା ପାଖରେ ସେ ଏତେ ଅନ୍ତରଙ୍ଗ ହୋଇପାରନ୍ତା ଯେ ? ସାଙ୍ଗମେଳ ଭିତରେ କେହି ଗାଁରୁ ସହରକୁ ଚାଲିଗଲେ, ମାମୁଘରେ ଥିଲେ, କି କେଉଁ ସାଙ୍ଗ ସହରରୁ ଗାଁକୁ ଛୁଟି କଟାଇବାକୁ ଆସିଥିଲେ ଦିନ କେଇଟା ଭିତରେ ତା' କଥା ଖୁବ୍ ମନେପଡ଼େ । ପୁଣି ଅଦିନିଆ କିଏ କେଉଁ ମେଳା, ମହୋତ୍ସବ ଓ ବନ୍ଧୁବାନ୍ଧବ ଘରେ ଭେଟ ହୋଇଥିଲେ, ତା' କଥା ସ୍ମୃତି ଉହାଡ଼ରୁ ଉଙ୍କିମାରେ । ଟିପା ଖାତାରେ ଲେଖା ହୋଇଥାଏ ତା' ଠିକଣା । ସମ୍ପର୍କର ବନ୍ଧନରେ ସେ ଛନ୍ଦି ହୋଇଯାଇଥାଏ । ଗଢ଼ା ହୋଇଥିବା ବନ୍ଧୁତ୍ୱ ଏତେ ଶୀଘ୍ର ତୁଟିଯିବ କେମିତି ? ସାଙ୍ଗଠାରୁ କେଇଦିନ, କେଇ ମୁହୂର୍ତ୍ତ ଅନ୍ତର ହୋଇଗଲେ ଶୂନ୍ୟସ୍ଥାନ ସୃଷ୍ଟି ହୁଏ ମନରେ । ହୃଦୟ ଭିତରେ ଆସେ କରୁଣ ଭାବ । ଏତେଦିନ ପରସ୍ପରଠାରୁ ଦୂରରେ ରହିବେ କେମିତି ? ଯେଉଁ ସାଙ୍ଗ ଦିନେ ତା' ବିନା ପାଗେଳି ହୋଇଯାଉଥିଲା, ତା'କୁ ଟିକିଏ ବି ପାଖରୁ ଅନ୍ତର କରୁ ନ ଥିଲା, ସେ ଏକାଏକା ଏତେଦୂରରେ ରହୁଛି କେମିତି ? ଏମିତି ବି ହୋଇପାରେ ନୂଆ ସାଙ୍ଗ ପାଇ ପୁରୁଣାକୁ ଭୁଲିଯିବା ଅସମ୍ଭବ କ'ଣ ? ବେଳେବେଳେ ମନରେ ଈର୍ଷା ଆସେ, ପୁଣି କେତେବେଳେ ଅଭିମାନରେ ସେ ଝାଉଁଳିପଡ଼େ । ପୁଣି ଉତ୍କଣ୍ଠା ବି ଥାଏ ତା'ର ସାଙ୍ଗ କେମିତି ଥିବ ? ମନେପଡୁଛି କୁଆଁର ପୁନେଇଁ ଜହ୍ନରାତି ଖେଳ, ଖୁଦୁରୁକୁଣୀ ଓଷାରେ ନଈତୁଠରେ ବାଲୁକା ପୂଜା, ସଞ୍ଜବେଳର ଗପସପ, ସକାଳ ଗାଧୁଆବେଳର କଥା ମନରେ ଛବିଭଳି ଅଙ୍କି ହୋଇଯାଉଛି ।

Digitized by PPRACHIN, SOA

ସାଙ୍ଗ ଏବେ ତା'ଠାରୁ ବହୁଦୂରରେ । ଏକୁଟିଆ କେମିତି ଭଲ ଲାଗିବ ଯେ ? କିଶୋରୀ ଝିଅର ମନ ଉଦ୍‌ବେଳିତ ହୋଇଉଠେ । ସେ ପଢ଼ାଖାତାରୁ କାଗଜଚିରି, ନ ହେଲେ ପାଖ ଡାକଘରୁ ଲଫାପା କି ପୋଷ୍ଟକାର୍ଡ଼ଟିଏ ଆଣି ଲେଖିବସେ ଚିଠି । ଆଉ ନୂଆବର୍ଷ, ଜନ୍ମଦିନ କି କେଉଁ ଉତ୍ସବାନୁଷ୍ଠାନ ହେଲେ ଅଭିନନ୍ଦନ ପତ୍ରରେ ଗୀତରେ ଗୀତରେ ଲେଖି ବସେ ମନର କଥା । ସେ ଭାଷାରେ ଥାଏ କି ମିଠା, କି ଆନ୍ତରିକତା ଆଉ ଭଲପାଇବା- ଯିଏ ପଢ଼ିଛି, ସିଏ ଜାଣିଛି । ଏହି ଚିଠି ବା ଅଭିନନ୍ଦନ ପତ୍ରରେ ଝିଅମାନେ ଯେଉଁ ଗୀତ ସବୁ ଲେଖିବସନ୍ତି, ସେ ସବୁ କେବଳ ମୁହଁଫନ୍ଦା ଗୀତ । ଏହାର କୌଣସି ବ୍ୟାକରଣ ନାହିଁ । ଅର୍ଥ ବୁଝାପଡୁ ବା ନ ପଡୁ, ପଦର ସାମଞ୍ଜସ୍ୟ ରହୁ ବା ନ ରହୁ, ଲେଖୁଥିବା ଭାଷା ଭୁଲ୍ ହେଉ କି ଠିକ୍ ହେଉ ସେସବୁ ପ୍ରତି ଖାତିର ନଥାଏ ତା'ର । ଅନାବିଳ ମନର ଭାବନାକୁ ନିଛକ ଓ ନିଗୁଢ଼ା ବାଢ଼ି ଦେଇଥାଏ ସେ ଚିଠିରେ । ବେଳେବେଳେ ଅଳ୍ପ ଇଂରାଜୀ ପଢୁଆ ଝିଅ ଗୀତ ଲେଖୁଲେଖୁ ସେଥିରେ ଭୁଲ୍ ଠିକ୍ ନ ଜାଣି କିଛିକିଛି ଇଂରାଜୀ ଶବ୍ଦ ଲେଖି ଦେଇଥାଏ । ବଡ଼ମାନେ ପଢ଼ିଲେ ତାହା ମନରେ କୌତୁହଳ ସୃଷ୍ଟି କରିବ । ଖୁବ୍ ଚମତ୍କାର ସେସବୁ ବର୍ଣ୍ଣନା । ଏସବୁ ଗୀତର ଲାଳିତ୍ୟ ଖୁବ୍ ମନମୁଗ୍ଧକର ଓ ହୃଦୟସ୍ପର୍ଶୀ । କେତେବେଳେ ଏହି ଚିଠି ଗୀତରେ ଝିଅଟିଏ ଅଭିମାନର ଅଶ୍ରୁ ଢାଳେ ତ ଆଉ କେତେବେଳେ ନିଜକୁ ତୁଚ୍ଛ କରି ସାଙ୍ଗର ବଡ଼ପଣିଆକୁ ବଖାଣେ ।

ଏବର ଝିଅମାନେ ପ୍ରାୟ ଆଉ ଏ ପ୍ରକାର ଗୀତ ଲେଖୁନାହାନ୍ତି । ଧୀରେଧୀରେ ଗାଁ ଗହଳିରୁ ବିଲୁପ୍ତ ହେବାକୁ ବସିଲାଣି ଏହି ଚିଠି ଲେଖାର ପରମ୍ପରା । ତେବେ କିଶୋରୀ ଝିଅଙ୍କ ଏହି ଚିଠିଗୀତ ଯେ ଦିନେ ଆମ ସାମାଜିକ ଚଳଣି ଭିତରେ ଏକ ଗୁହ୍ଣିମନ୍ତ ପରମ୍ପରା ସୃଷ୍ଟି କରିଥିଲା, ଏହା ଅସ୍ୱୀକାର କରିହେବନି । ଅଳ୍ପ ପାଠପଢୁଆ କିମ୍ବା ସ୍କୁଲ୍‌ରେ ପାଠପଢୁଥିବା ଝିଅଙ୍କ ଚିଠି ଲେଖାରେ ଫୁଟିଉଠୁଥିବା ସୃଜନଶୀଳତା ସତରେ ଅନନ୍ୟ । ଆଜି ହଜିଯିବାକୁ ବସିଥିବା ଏହି ଲୋକଗୀତକୁ ସାଉଁଟି ଏଠାରେ ସଜାଡ଼ି ଦେବାର ଚେଷ୍ଟା କରିଛି ଏ ଲେଖକ । ଓଡ଼ିଶାର ଗ୍ରାମାଞ୍ଚଳରୁ ଏସବୁ ଗୀତ ସଂଗ୍ରହ କରାଯାଇଛି । ଆଶାକରେ ଏହା କିଶୋରୀ ଝିଅଙ୍କ ସ୍ମୃତିବହୁଳ ପରମ୍ପରାକୁ ମନେପକାଇବା ସହ ଲୋକସାହିତ୍ୟର ଏକ ନୂଆଦିଗକୁ ଉନ୍ମୋଚିତ କରିବ ଓ ଗବେଷଣାରେ ସହାୟକ ହେବ ।

- ଲେଖକ

Digitized by PPRACHIN, SOA

ମଟର ଉପରେ ସ୍କୁଟରେ କାର୍
ସାଙ୍ଗଙ୍କୁ ମୋର ନମସ୍କାର ।

ସାରୁ ପତରରେ ପାଣି ପଡ଼ିଗଲେ
ପାଣି ହୁଏ ଟଳମଳ,
ତୁମ କଥା ମୋର ମନେ ପଡ଼ିଗଲେ
ଆଖି ହୁଏ ଛଳ ଛଳ ।

Digitized by PPRACHIN, SOA

ଉଡ଼ିଗଲା ଏରୋପ୍ଲେନ୍ ଛାଡ଼ିଦେଲା ଧୂଆଁ
ପରଘର ଝିଅ ବୋଲି ପଚାରିବୁ କିଆଁ ।

ଲବଙ୍ଗ ଗୁଜୁରାତି ଅଳେଇଚ ଦାନା
ଏ ପତ୍ର ପଢ଼ିବାକୁ ଅନ୍ୟକୁ ମନା ।

କାଚ ଗିଲାସରେ ଗିଲାସେ ପାଣି
ଏ ପତ୍ର ପାଇବେ ସିଲୁ ନାମ ରାଣୀ ।

ଦାଣ୍ଡରେ ଗୋଲାପ ଦୁଆରେ ମଲ୍ଲୀ,
ଫେରନ୍ତା ପତ୍ରକୁ ଚାହିଁ ରହିଲି ।

ଟମାଟୋ ଫଳଟି କେତେ ଖଟା
ସାଙ୍ଗକୁ ମୋର ଟା...ଟା... ।

ଝିଲିମିଲି ଶାଢ଼ି ସାଇତି ରଖିଲେ
ଦିନେ ହେଲେ ଚିରିଯିବ,
ସ୍ନେହ ମମତାକୁ ସାଇତି ରଖିଲେ
ଚିରଦିନ ପାଇଁ ଥିବ ।

Digitized by PPRACHIN, SOA

ପୁଷ୍ପରେ ପୁଷ୍ପିତ, ପୁଷ୍ପରେ ଶୋଭିତ
ପୁଷ୍ପରେ ଦେଲି ମୁଁ ଲେଖି,
ଗୋଡ଼ରେ ନ ଠେଲି ହାତରେ ଧରିବ
ଭଗବାନ ଥିବେ ସାକ୍ଷୀ ।

Digitized by PPRACHIN, SOA

କବି ନୁହେଁ ମୁଁ ଯେ ଦେଇ ପାରିବିନି
କବିତାର ଉପହାର,
ଧନୀ ନୁହେଁ ମୁଁ ଯେ ଦେଇ ପାରିବିନି
ହୀରା ସୁବର୍ଣ୍ଣର ହାର ।
ଏତିକି କେବଳ ଦେଇ ମୁଁ ପାରିବି
ନୂଆବର୍ଷ ଉପହାର ।

ବାଜା ବାଜେ ଦମ୍ ଦମ୍
ସାଙ୍ଗକୁ ମୋର ୱେଲ୍‌କମ୍ ।

ନଈ ସିନା ଶୁଖିଯାଏ, ସାଗର ଶୁଖେନା
ତୁମେ ସିନା ଭୁଲିଯିବ, ମୁଁ କେବେ ଭୁଲେନା ।

ଆକାଶେ ଚନ୍ଦ୍ରମା ଜଳରେ କଇଁ
ଗ୍ରୀଟିଂସ୍ ପାଇ ତୁ ଭୁଲିବୁ ନାହିଁ ।

ପର୍ବତ ଉପରେ ଲେମ୍ବୁ ଆଚାର,
ଗ୍ରୀଟିଂସ୍ ପାଇ ଦେବୁ ଉତ୍ତର ।

Digitized by PPRACHIN, SOA

ଉଡ଼ି ଉଡ଼ି ଯିବୁ ପତ୍ର ଆକାଶ ମାର୍ଗରେ
ପହଞ୍ଚିବୁ ଯାଇ ମୋ ସାଙ୍ଗ ପାଖରେ ।
ସାଙ୍ଗ ଶୋଇଥିବ ଖଟ ଉପରେ
ଗ୍ରୀଟିଂସ୍ ପଢ଼ିବ ମନ ଖୁସିରେ ।

Digitized by PPRACHIN, SOA

ଗୋଲାପ ଗଛରେ ବହୁତ କଣ୍ଟା,
ମନେ ପଡୁଥିବୁ ଘଣ୍ଟାକୁ ଘଣ୍ଟା ।
ଭୁଲିଯିବୁ ପଛେ ଅନ୍ୟ କାହାକୁ,
ନ ଭୁଲିବୁ ଏହି-ଅଭାଗିନୀକୁ ।

ଆକାଶେ ଚନ୍ଦ୍ରମା ଜଳରେ କଇଁ
ମନେ ରଖିଥିବ ସଦା ଭୁଲିବ ନାହିଁ ।
ଭୁଲିଲେ ଭୁଲିବ ଆଉ କାହାକୁ
କେବେ ନ ଭୁଲିବ ଅଭାଗିନୀକୁ ।

ମଣିଷ ମରିବ ସବୁ ତ ସରିବ
ସ୍ନେହ ତ ସରିବ ନାହିଁ,
ସେଇ ସ୍ନେହ ଦିନେ ପାଗଳ କରିବ
ତୁମକୁ ଦେଖିବା ପାଇଁ ।

ନାଲି ଟହଟହ ମନ୍ଦାର
ସତରେ ସାଙ୍ଗ ତୁ କେତେ ସୁନ୍ଦର ।

ଅଙ୍କିତ ଅଙ୍କିତ ଅଙ୍କିତ ଲେଖା
କେଉଁ ଦିନ ସାଙ୍ଗ ହୋଇବ ଦେଖା ।

Digitized by PPRACHIN, SOA

ଯେବେ ହୋଇଥା'ନ୍ତି ବିହଙ୍ଗ ପକ୍ଷୀ
ଉଡ଼ି ଉଡ଼ି ଯାଇ ଆସନ୍ତି ଦେଖି ।

ତଳେ ବସାଦହି ଉପରେ ସର
ଗରିବ ସାଙ୍ଗ ମୁଁ ଅଟେ ତୁମର ।

ତୋଳିବନି ସାଙ୍ଗ ତୋଳିବନି
ଗୋଲାପ ଫୁଲକୁ ତୋଳିବନି ।
ଗୋଲାପ ଗଛରେ କଣ୍ଟା ଥିବ
କଅଁଳ ହାତରେ ପଶିଯିବ ।



ନୂଆ ବରଷରେ, ଆନନ୍ଦ ମନରେ
ହସି ଖେଳି ଯାଉ ଦିନ,
କରୁଛି ପ୍ରାର୍ଥନା ସେ ଚକାନୟନ
ହରିବେ ତୋ ଦୁଃଖମାନ ।

ୱାନ୍ ଟୁ ଥ୍ରୀ ଫୋର୍,
ତୁମକୁ ଜଣାଉଛି ହାପି ନିଉ ଇୟର ।

Digitized by PPRACHIN, SOA

ଆକାଶ ହୁଅନ୍ତା କଲମ ଖଣ୍ଡେ
ପୃଥିବୀ ହୁଅନ୍ତା କାଗଜ ଖଣ୍ଡେ
ପ୍ରଶାନ୍ତ ସାଗର ହୁଅନ୍ତା କାଳି
ଗୀତ ମୁଁ ଲେଖନ୍ତି ମନରୁ ଭାଳି ।

Digitized by PPRACHIN, SOA

ଚୁନି ଚୁନି ବଉଦ,
ପୁଣି ଝିଲିମିଲି ତାରକା,
ଏ ନୂତନ ବରଷରେ
ତୁମକୁ କରୁଛି ମୁଁ ଶୁଭେଚ୍ଛା ।

ପର୍ବତ ଉପରେ ନାଚେ ମୟୂର
ସ୍ନେହ ଥିଲେ ସାଙ୍ଗ ଦେବ ଉତ୍ତର ।

ବିଗତ ସପନ ଯାଇଛି ହଜି
ନୂତନ ସକାଳ ଆସିଛି ଆଜି,
ଚକାଡ଼ୋଳା ପାଖେ କରୁଛି ଅଳି
ଜାଳି ଦେଉ ନୂଆବର୍ଷେ ଦୀପାଳି ।

ଟେବୁଲ୍ ଉପରେ ଗୁପ୍‌ଚୁପ୍
ଗ୍ରୀଟିଂସ୍ ପଢ଼ିବ ଚୁପ୍ ଚୁପ୍
ଏ ଗ୍ରୀଟିଂସ୍ ଅନ୍ୟ ଯିଏ ପଢ଼ିବ
ଥାନାରେ ସେ ଆରେଷ୍ଟ ହୋଇବ ।

Digitized by PPRACHIN, SOA

ଜଗତର ନାଥ କାଳିଆ ସାଆନ୍ତ
ତୁମକୁ ସହାୟ ହେଉ,
ମହା ହରଷରେ ଏ ନୂଆ ବର୍ଷରେ
ତୁମ ଦିନ ସୁଖେ ବିତି ଯାଉ ।

କଦଳୀ ଗଛରେ ନେଳି ପତର
ସ୍ନେହ ଥିଲେ ସାଙ୍ଗ ଦେବୁ ଉତ୍ତର ।

ଲଣ୍ଡା ବରଗଛ ବାଟରେ ଚାହିଁ,
ମନେ ପକାଇବ ସଦା ଭୁଲିବ ନାହିଁ ।

ଆମ୍ବ ଗଛ ଡାଳେ ଡାକେ କୋଇଲି
ନୂତନ ବର୍ଷକୁ ଚାହିଁ ରହିଲି ।

ଆକାଶେ କଇଁଆ ଚିଲିକା ମାଛ
ଶୀଘ୍ର ଜଣାଇବ କିପରି ଅଛ ?

Digitized by PPRACHIN, SOA



ପର୍ବତ ଉପରେ ଘର କରିଥିଲି
ପବନ ଉଡ଼େଇ ନେଲା,
ସୁନାଫୁଲ ପରି ସାଙ୍ଗ ପାଇଥିଲି
ଝୁରିଝୁରି ଦିନ ଗଲା ।

ପୁଷ୍ପିତ ହେଉ ଚଲାପଥ ତୁମ
ସୁବାସିତ ହେଉ ବାସନା,
ଜୟୀ ହୁଅ ତୁମେ ଜୀବନଯାତ୍ରାରେ
ଏହା ହିଁ ମୋର କାମନା ।

Digitized by PPRACHIN, SOA

ଅତୀତର ସ୍ମୃତି କେତେ ଯେ ମଧୁର
କେତେ ଯେ ବେଦନାମୟ,
ଦିନ ଚାଲିଯାଏ ଚିହ୍ନ ରହିଥାଏ
ରହିଥାଏ ପରିଚୟ ।

Digitized by PPRACHIN, SOA

କାକୁଡ଼ି ମାଡ଼ଇ ଗହଳ ଲତା
ତୁମଠାରେ ମୋର ସ୍ନେହ ମମତା ।
ସ୍ନେହ ମମତାକୁ ଭୁଲିବ ନାହିଁ
ତୁମ ପରି ସାଙ୍ଗ ପାଇବି କାହିଁ ।

ସବୁ ତ ସରିବ ମଣିଷ ମରିବ
ସ୍ନେହ ତ ସରିବ ନାହିଁ,
ସ୍ନେହ ବୋଲି ଯେଉଁ ଦୁଇଟି ଅକ୍ଷର
ତାହାକୁ ଭୁଲିବ ନାହିଁ ।
ସେହି ସ୍ନେହ ଦିନ ମନେ ପକାଇବ
ତୁମକୁ ଭେଟିବା ପାଇଁ ।

ପାଣି ଭିତରେ ବହୁତ ମାଛ
ସତେ ଅପା ତୁମେ କେମିତି ଅଛ ?

ସ୍ନେହ ମମତାର ବନ୍ଧନ ଭିତରେ
ଯୁଗ ଯୁଗ ବିତିଯାଉ,
ନୂଆ ବରଷର ନୂଆ ଆଲୁଅରେ
ଏତିକି ସନ୍ତକ ଥାଉ ।

ତୁମ ମୁଣ୍ଡରେ ଫୁଲ ଚନ୍ଦନ
ନୂତନ ବର୍ଷର ଅଭିନନ୍ଦନ ।

Digitized by PPRACHIN, SOA

ଭୁଲିଯିବ ନାହିଁ ବିସ୍ମୃତି ସାଗରେ
କରିଦେବ ନାହିଁ ପର,
ରହିଥାଉ ସ୍ମୃତି ଚିରଦିନ ପାଇଁ
ଥାଉ ମମତା ତୁମର ।



Digitized by PPRACHIN, SOA

ଉଡ଼ି ଉଡ଼ି ଯିବ ମୋ ଶୁଆ ସାରି
ଯାଇ ପହଞ୍ଚିବ ଦରିଆ ପାରି,
ଯେଉଁଠି ଦେଖିବ ସତ୍ୟ ନଗର
ସେଇଠି ମୋ'ର ସାଙ୍ଗର ଘର ।

ଲବଙ୍ଗ ପତର ନେଳି,
ବଡ଼ ସାନ କରି ଦେଉଛି ଉତ୍ତର
ପଛରେ ନ ଦେବ ଗାଳି ।

ଆମ୍ବ ଗଛ ତଳେ କୋଇଲି ରାବେ
ତୁମ କଥା ମୁହିଁ ବହୁତ ଭାବେ ।

ସ୍ୱର୍ଗେ ଫୁଟେ ପାରିଜାତ
ମର୍ତ୍ତ୍ୟେ ଫୁଟେ ମଲ୍ଲୀ,
ନବବର୍ଷର ଅଭିନନ୍ଦନଟି
ତୁମରି ହସ୍ତରେ ଦେଲି ।

ହସ୍ତେ ନ ଦେଇ ଫୁଲ ଚନ୍ଦନ
ଦୂରୁ ଜଣାଇଲି ଅଭିନନ୍ଦନ ।
ଗ୍ରହଣ କରିବ ନ ଧରି ଦୋଷ
ସାକ୍ଷୀ ରହିଲା ଏ ନବ ବରଷ ।

Digitized by PPRACHIN, SOA

ବିଗତ ବର୍ଷର ସୁଖ-ଦୁଃଖ ପରେ
ଉପନୀତ ନବବର୍ଷ,
ତୁମରି ପରାଣେ ଝରିଯାଉ ଏବେ
ଶ୍ରୀଜଗନ୍ନାଥଙ୍କ ଆଶିଷ ।



Digitized by PPRACHIN, SOA

ସ୍ନେହ ପ୍ରୀତି ଡୋରେ ବନ୍ଧା ହୋଇ ତୁମେ
ଲଭ ସରଗ ସୁଖ,
ଶାନ୍ତି, ମୈତ୍ରୀ ବାଣୀ ମୁଖରିତ ହେଉ
ଘୁଞ୍ଚିଯାଉ ସବୁ ଦୁଃଖ ।

ନଈ ସିନା ଶୁଖିଯାଏ
ସାଗର ଶୁଖେନା,
ତୁମେ ସିନା ଭୁଲିଯାଅ
ମୁଁ କେବେ ଭୁଲେନା ।।

Digitized by PPRACHIN, SOA

ନୂଆ ବନ୍ଧୁ ବୋଲି ନ ଭାବି ପର
ପତ୍ର ଦେଉଥିବ ଥରକୁ ଥର ।
ଓ ମାଇଁ ଡିଅର ନ କରିବ ରାଗ
ଇଟ୍ ଇଜ୍ ମାଇଁ ଭାଗ୍ୟ ।

ଆଗରେ ମୋଟର ପଛରେ କାର୍
ସ୍ନେହର ନାନୀଙ୍କୁ ନମସ୍କାର ।
ଆଷାଢ଼ ମାସରେ ଝଡ଼ି ବରଷା
ପତ୍ର ଦେବ ବୋଲି କରିଛି ଆଶା ।

କଦଳୀ ପତର ଲମ୍ବ ଓସାର
ପତ୍ର ଦେଉଥିବ ଥରକୁ ଥର ।

କଦଳୀ ପତ୍ରରେ ଗୁନ୍ଥିଲି ହାର
ମନେ ପଡ଼ିଯାଏ ସ୍ନେହ ତୁମର ।

ସାରୁ ପତରରେ ପାଣି ପଡ଼ିଗଲେ
ପାଣି ହୁଏ ଟଳମଳ,
ତୁମ କଥା ମୋର ମନେ ପଡ଼ିଗଲେ
ଲୁହ ହୁଏ ଢଳଢଳ ।

Digitized by PPRACHIN, SOA

କଲମ ପେଟରୁ ସରିଲା କାଳି,
ସାଙ୍ଗ ପଂତ୍ର ବୋଲି ନ ଦେବ ଗାଳି
ଏତିକିରେ ସାଙ୍ଗ ବିଦାୟ ନେଲି ।

ବିହଙ୍ଗ ପରି ଯଦି ହୋଇଥାଆନ୍ତି
ଉଡ଼ିଯାଇ ଥରେ ଦେଖି ଆସନ୍ତି

Digitized by PPRACHIN, SOA

ତରତର ହୋଇ ଦେଇଛି ଲେଖି
ଘୃଣା ନ କରିବ ଅକ୍ଷର ଦେଖି ।
ଏତିକିରେ ମନ ଅସ୍ଥିର ହେଲା
କଲମରୁ କାଳି ଝରି ପଡ଼ିଲା ।

ଉଡ଼ି ଉଡ଼ି ଯିବୁ ପତ୍ର ନ କରି ଡେରି
ସାଙ୍ଗ ପାଖେ ସ୍ନେହ ଥିଲେ ଆସିବୁ ଫେରି ।
କର୍ମ ଦୁର୍ଭାଗ୍ୟକୁ ଦେଖା ନ ହେଲା
ତୁମ ଦେଖା ମୋର ସପନ ହେଲା ।

ଓଲଟା ବିଛଣା ତ୍ରିପଣ୍ଡ ରେଖା
ବହୁଦିନୁ ମୋର ହୋଇନି ଦେଖା
ତୁମ ସାଥେ ମୋର ଦେଖା ହୋଇବ
ମନସ୍କାମ ମୋର ପୂର୍ଣ୍ଣ ହୋଇବ ।
ଦେଖିଲା ବେଳକୁ ତୁମ ଛବିକି
ମନ ସରୁ ନାହିଁ ଭାବି ଭାବିକି ।

ଲେଖକ ନୁହେଁ ମୁଁ, ନୁହିଁଇ କବି
ପତ୍ର ଲେଖୁଅଛି ମନରୁ ଭାବି ।
ଉଡ଼ିଗଲା ଶାରୀ ନ ଦିଏ ଧରା
ତୁମ ଆମ ଦେଖା ହୋଇବ ପରା ।

ଚାତକ ଯେପରି ନୀରକୁ ଚାହେଁ
ସେପରି ମୁଁ ତମ ସ୍ନେହକୁ ଚାହେଁ ।

Digitized by PPRACHIN, SOA

ମାନନୀୟ ସାଙ୍ଗ ମୋର ଘେନ ନମସ୍କାର
ପାଦରେ ନ ଠେଲି ଚିଠି ଗ୍ରହଣ ଯେ କର ;
ବିଲ ବନ ପାର ହୋଇ ଯାଏ ନମସ୍କାର
ଶରଣ ପଶୁଛି ମୁହିଁ ଚରଣେ ତୁମ୍ଭର ।

Digitized by PPRACHIN, SOA

ଆକାଶ ମାର୍ଗରେ ଉଡ଼ଇ ଶାରୀ
ଦୂର୍ ଆଶୀର୍ବାଦ ନେବ ମୋହରି ।

ଅତି ଆଦରରେ ହସ ହସ ମୁଖେ
ଲେଖି ଦେଲି ଗୀତ ମୋର,
ଅତି ଶରଧାରେ ଥାପିଲି ମନରେ
ଘେନ ଟିକି ନମସ୍କାର ।



Digitized by PPRACHIN, SOA

ହାଏରେ ତାତିଲା ଶେଣି
ଅକ୍ଷର ମୋର ଅସୁନ୍ଦର ଜାଣି
ତରତର ହୋଇ ଦେଇଛି ଲେଖି
ଘୃଣା ନ କରିବ ଅକ୍ଷର ଦେଖି ।

ପଖାଳ ଭାତରେ ଉଲି ପିଆଜ
ଅକ୍ଷର ମୋର ଭାରି କଦର୍ଯ୍ୟ ।
ବାଡ଼ିରେ ଫୁଟିଛି ରକ୍ତ ମନ୍ଦାର
ଅକ୍ଷର ତୁମର ଭାରି ସୁନ୍ଦର ।
ଅକ୍ଷରକୁ ତୁମେ ନ ମଣିବ ହୀନ
ଅକ୍ଷର ହିଁ ଜାଣ ଦେବତା ସମାନ ।

ଯେଉଁ ଦିନୁ ତୁମଠାରୁ ନେଇଛି ବିଦାୟ
ସେଇଦିନୁ ମନ ମୋର ହୋଇଛି ଅଥୟ ।
ସବୁବେଳେ ତୁମ କଥା ମନେ ଯେ ପଡ଼ଇ
ପଢ଼ା ହେଉଥିଲେ ମଧ୍ୟ କାନେ ନ ପଶଇ ।
ଭାବୁଅଛି ତୁମେ ସାଙ୍ଗ ଭୁଲି ଯାଇଥିବ,
ଭୁଲି ଯାଇଥିଲେ ମଧ୍ୟ ମନେ ପକାଇବ ।

ଉଲି ପିଆଜର ବହୁତ ରଙ୍ଗ
ତୁମର ଆମର ବହୁତ ସାଙ୍ଗ ।
ଭୁଲିଲେ ଭୁଲିବ ଅନ୍ୟ କାହାକୁ
ନ ଭୁଲିବ କେବେ ତୁମ ମିତକୁ ।

Digitized by PPRACHIN, SOA

ଆକାଶେ ଚଢ଼େଇ ଜଳରେ ମାଛ
ମୋର ପ୍ରିୟ ସାଙ୍ଗ କିପରି ଅଛ,
ବହୁଦିନ ପରେ ପଡ଼ିଲା ମନରେ
ଭଲ ଥିବ ସେଇଠାରେ,
ଈଶ୍ୱର କୃପାରୁ ଥିବଟି ଭଲରେ
ଥିବ ସାଥୀଙ୍କ ମେଳରେ ।

କାଚ୍ ଥାଳିଆରେ କର୍ପୂର ଦାନା
ସାଙ୍ଗ ବିନା କେହି ଚିଠି ଖୋଲନା ।।



Digitized by PPRACHIN, SOA

ପୋଖରୀ ଭିତରେ ଙ୍କେମା
କେହି ନ ପଢ଼ିବେ ମୋଁ ସାଙ୍ଗ ବିନା ।

ଉଡ଼ିଯା' ଚିଠି ଆକାଶ ମାର୍ଗେ
ଯାଇ ପହଞ୍ଚିବୁ ମୋ ସାଙ୍ଗ ପାଖେ ।

Digitized by PPRACHIN, SOA

ଉଡ଼ିଯା' କାକ ଉଡ଼ିଯା' ଧୀରେ
ପତ୍ର ନେଇ ଦେବୁ ସାଙ୍ଗ ପାଖରେ ।

ଭାଙ୍ଗି ଯାଇପାରେ ଏଭରେଷ୍ଟ ଶୃଙ୍ଗ
ଶୁଖିଯାଇପାରେ ନଈ,
ଭୁଲି ଯାଇପାର ମୋତେ ସାଙ୍ଗ ତମେ
ମୁଁ କିନ୍ତୁ ଭୁଲିବି ନାହିଁ ।

ମୁଁ ଯଦି ହୁଅନ୍ତି ଟେଲିଭିଜନ
ନିତି ଦେଖୁଥା'ନ୍ତି ତୁମ ବଦନ ।
ମୁଁ ଯଦି ହୁଅନ୍ତି ବେତାର ଯନ୍ତ୍ର
ଶୁଣୁଥା'ନ୍ତି ତୁମ ବଚନ ନିତ୍ୟ ।

ବୁଣିଲି କୋଳଥ ଉଠିଲା ବିରି
ଥରେ ପତ୍ର ପଢ଼ି ନ ଦେବ ଚିରି ।

ହଳଦୀ ବସନ୍ତ ହଳଦୀମୟ
ପତ୍ର ପାଇ ପତ୍ର ଦେବ ନିଶ୍ଚୟ ।

ଆକାଶରେ ଉଡୁଛନ୍ତି ଧଳା ଧଳା ବଗ
ଚିଠି ପଢ଼ି ସାରି ସାଙ୍ଗ କରିବନି ରାଗ ।

ଶିଶିରେ କି ଫୁଟେ ପଦ୍ମ, ଫୁଟେ ସିନା କଇଁ
ତୁମେ ଭୁଲିଗଲେ ସାଙ୍ଗ, ମୁଁ ତ ଭୁଲି ନାହିଁ ।

Digitized by PPRACHIN, SOA

ଚଇତ ମାସରେ ଫୁଟଇ ମଲ୍ଲି
ଅନ୍ତର ହେଲି,
ଫେରନ୍ତା ପତ୍ରକୁ ଚାହିଁ ରହିଲି ।

ଧାନଗଛ କେରି କେରି
ଉଡ଼ିଯା'ରେ ଚିଠି ନକରି ଡେରି ।

Digitized by PPRACHIN, SOA

କାଚ୍ ବୋତଲରେ ଲେମ୍ବୁ ଆଚାର
ପତ୍ର ପାଇ ସାଙ୍ଗ ଦେବୁ ଉତ୍ତର ।

ବିଲରେ ସିଆର ଗାର
ଉଡ଼ିଯା' ପାରା ସାଙ୍ଗ ପାଖକୁରେ
ଆଣିବୁ ଶୁଭ ଖବର ।

ବୁଣିଲି କୋଳଥ ଉଠିଲା ରାଶି
ଚିଠି ପଢୁଥିବୁ ବେଡ୍ ରୁମ୍‌ରେ ବସି ।

ଟାଇମ୍ ଦେଖି ଲେଟର ଲେଖିଲି
ଟାଇମ୍ ହେଲା ସର୍ଟ,
ଚିରଦିନ ପାଇଁ ମନେ ରଖିଥିବ
ଫରଗେଟ୍ ମି ନଟ୍ ।

ନୀଳ ଦୁନିଆରେ ନୀଳ ସ୍କାଏ
ସାଙ୍ଗକୁ ମୋର ବାଏ ବାଏ ।

ବାଡ଼ିରେ ମାଡ଼ିଛି କାକୁଡ଼ି ଲଟା
ସାଙ୍ଗ ତୁମକୁ ଟା... ଟା... ।

Digitized by PPRACHIN, SOA

୨ ଚିଠି ଗୀତ

ଶିଆଳ ଭୁକେ ହୁକେ ହୋ... ହୁକେ
ତୁମକୁ ମୋହର ଓକେ... ଓକେ...

ଗୋଟିଏ ଧାନରେ ଦୁଇଟି ତୁଷ
ଅଳ୍ପ ପାଠ ପଢ଼ି ଲେଖିବି କିସ ।
ନୁହେଁ ମୁଁ ପଣ୍ଡିତ ନୁହେଁ ମୁଁ କବି
ଯାହା ମୁଁ ଲେଖୁଛି ମନରୁ ଭାବି ॥

Digitized by PPRACHIN, SOA

ପତ୍ର ଦେବାରେ ବିଳମ୍ବ ହୋଇଛି
ସେଥିପାଇଁ ସାଙ୍ଗ କ୍ଷମା ମାଗୁଛି ।
ଅଲେଖା କାଗଜ ସୁଲେଖା କାଳି
ଚିଠି ପଢ଼ି ସାରି ନ ଦେବୁ ଗାଳି ।

ଭୁଲିଗଲେ ଭୁଲିବ ସ୍ୱର୍ଗକୁ ଗଲେ
ଭୁଲି ନ ପାରିବ ମର୍ତ୍ତ୍ୟରେ ଥିଲେ ।

ଯଦି ତୁମ ମନେ ମମତା ଥିବ
ଧଳା କାଗଜରେ ପତ୍ର ଲେଖିବ ।

ପାଟ ଶାଢ଼ୀ ଖଣ୍ଡେ ସାଇତି ରଖିଲେ
ଦିନେ ହେଲେ ଚିରିଯିବ,
ସ୍ନେହ ମମତାକୁ ବାନ୍ଧି ରଖିଥିଲେ
ଚିରଦିନ ପାଇଁ ଥିବ ।

ପର୍ବତ ଶିଖରେ ଫୁଟିଛି କଇଁ
ପତ୍ର ଦେବା ପାଇଁ ଭୁଲିବ ନାହିଁ

ମୋ ସାଙ୍ଗର ଯଦି ସୁହୃଦୟା ଥିବ
ଦୟାକରି ଖଣ୍ଡେ ପତ୍ର ଲେଖିବ

Digitized by PPRACHIN, SOA

ସଜନା ଗଛରେ ଡାହୁକ ବସା
ଫେରନ୍ତା ପତ୍ରକୁ କଲି ମୁଁ ଆଶା ।

ଆମ୍ବ ଗଛେ ବସି ରାବେ କୋଇଲି
ଫେରନ୍ତା ପତ୍ରକୁ ଚାହିଁ ରହିଲି ।

Digitized by PPRACHIN, SOA

ଚିଠି ଦେବାକୁ ଭୁଲି ଯିବନି
ପନ୍ଦର ପଇସାକୁ ଲୋଭ କରିବନି ।
ଚିଠି ଦେଲେ ସାଙ୍ଗ ହୁଅଇ ଖୁସି
ପନ୍ଦର ପଇସା ନ ହୁଏ ବେଶି ।
ପନ୍ଦର ପଇସାକୁ ନ ହେବ କୁଣ୍ଠି
ନହେଲେ ତୁମେ ତ ପଡ଼ିବ ଝୁଣ୍ଟି ।

ଯଦି ହୋଇଥା'ନ୍ତି ବିହଙ୍ଗ ପକ୍ଷୀ
ପାଠରାଣ ସାଙ୍ଗ ଦେଖି ଆସନ୍ତି ।
ବଣ ମଲ୍ଲୀ ବଣେ ଫୁଟିଲା;
ଚିଠି ଦେବ ସାଙ୍ଗ ରାଣ ରହିଲା ।

ସୀତାଙ୍କୁ ରାବଣ କଲା ହରଣ
ପତ୍ର ନ ଦେଲେ ତୁମକୁ ରାଣ ।

ନିର୍ଝର କଲମ ଶୁଖିଲା କାଳି
ଏଇଠାରେ ଲେଖା ସମାପ୍ତ କଲି ।

ଚିଠି ଲେଖୁ ଲେଖୁ ପାହିଲା ରାତି
ଏତିକିରେ ଚିଠି କରିଲି ଇତି ।

Digitized by PPRACHIN, SOA

ଆଖି ଲୁହରେ ମୁଁ ଚିଠି ମୁଦିଲି
ଫେରନ୍ତା ପତ୍ରକୁ ଚାହିଁ ରହିଲି ।
ନ ପାଇଲେ ସାଙ୍ଗ କହୁଛି ସତ
କଟି ପଡ଼ିଯିବ କାଳକାଳକ ।

Digitized by PPRACHIN, SOA

ମନ୍ଦାର ଫୁଟିଲା ପାଖୁଡ଼ା ନାଲି
ଖରାପ ଭାବିବ ବୋଲି,
ଏତିକିରେ ଚିଠି ସମାପ୍ତ କଲି ।

ମଉଳା ମନରୁ ଭାସି ଆସେ ଆଜି
କେତେ କଳ୍ପନାର ଢେଉ,
ଛୋଟ ଏ ଲିଖିତ କ୍ଷୁଦ୍ର ପତ୍ରିକାରେ
ଲେଖି ପାରୁନାହିଁ ଆଉ ।

ଆଶା ପାରିଜାତ ଆଶାରେ ଶୋଭିତ
ଆଶାରେ ରହିଲି ଚାହିଁ,
ହସ୍ତ ପରିଶ୍ରମ କାଗଜ କଲମ
ନିରାଶ କରିବ ନାହିଁ ।

ଭୁଲିବନି ସାଙ୍ଗ ଭୁଲିବନି
ଗୋଲାପ ଫୁଲରେ ରସିବନି,
ଗୋଲାପ ଫୁଲରେ କଣ୍ଟା ଥିବ
କୋମଳ ହସ୍ତରେ ଫୁଟିଯିବ ।

Digitized by PPRACHIN, SOA

ପୁନେଇଁ ରାତିରେ
କୋଟିଏ ତାରାରେ ଗୋଟିଏ ଜହ୍ନ,
ଜୀବନ ପଥରେ·
କୋଟିଏ ଭଲରେ ଗୋଟିଏ ମନ୍ଦ ॥

Digitized by PPRACHIN, SOA

ନାଲି ଓଠେ ତୋର ନାଲି ଗୁଲୁ ଗୁଲୁ ହସ
ଏ ହସ ଶୋଭା ଦିଶୁଛି;
ଏ ହସ ଯେବେ ବନ୍ଦ ହୋଇବ
ସାଙ୍ଗ ସାଥି ଆଉ ନ ରହିବ ।

ଗୋଲାପ ଫୁଟଇ ବହୁତ ନାଲି
ଏତିକିରେ ଲେଖା ସମାପ୍ତ କଲି
ସମାପ୍ତ ଶେଷରେ ବିଦାୟ ନେଲି
ବିଦାୟ ଶେଷରେ ସ୍ନେହଟି ଦେଲି ।

ଲକ୍ଷେ ବେଲ ପତ୍ର ଶିବଙ୍କୁ ଦେବି
ତୁମ ପରି ସାଙ୍ଗ କାହୁଁ ପାଇବି ।

କାଚ ଗ୍ଲାସ୍‌ରେ ମିଶ୍ରି ପାଣି
ଗ୍ରୀଟିଂସ୍ ପାଇବେ ଗୀତା ରାଣୀ ।

ଗୋଲାପ ଗଛରେ ଅନେକ କଣ୍ଟା
ମନେ ପକାଇବ ଘଣ୍ଟାକୁ ଘଣ୍ଟା ।

ହାତେ ଧରି ମୁଁ ଫୁଲ ଚନ୍ଦନ
ଦୂରରୁ ଜଣାଏ ଅଭିନନ୍ଦନ ।
କଲମ୍‌ରୁ କାଳି ଝରି ଆସିଲା
ମୋର ଚିଠି ଲେଖା ସମାପ୍ତ ହେଲା ।

Digitized by PPRACHIN, SOA

ସନ୍ ସିନା ଲୁଚିଯାଏ
ମୁନ୍ କେବେ ଲୁଚେନା,
ୟୁ ସିନା ଭୁଲି ଯାଅ
ଆଇ କେବେ ଭୁଲେନା ।

ନୂତନ ବର୍ଷର ନୂତନ ସକାଳ
ନୂତନ ସୂର୍ଯ୍ୟ କାନ୍ତି,
ଭରି ଦେଉ ତୁମ ଜୀବନ ପଥରେ
ନିଷ୍ଠା ଗୌରବ ଶାନ୍ତି ।

Digitized by PPRACHIN, SOA

ଅଜସ୍ର ଆଶା, ଉଜ୍ଜ୍ୱଳ ସଂଭାବନା
ନୂତନ ଉତ୍ସାହ, ନବୀନ ଉନ୍ମାଦନା
ହୃଦୟରେ ଭରିଦେଉ ନୂଆବର୍ଷ;
ନୂଆ ସ୍ୱପ୍ନ ନୂଆ ସ୍ମୃତି ଦେଇ
ହେଉ ଆନନ୍ଦ ଆଲୋକର ବର୍ଷ ।

ଆକାଶରେ ଚାନ୍ଦ
ଜଳରେ କୁମୁଦ
ତା'ର ନାମ ଦେଲି କଇଁ,
ହସ୍ତ ପରିଶ୍ରମ କାଗଜ କଲମ
ଲେଖିବାକୁ ଭୁଲିବ ନାହିଁ ।।

Digitized by PPRACHIN, SOA

ସ୍ନେହ ତ ସବୁଠୁ କଠିନ
ତା' କବଳୁ ମୁକ୍ତି ନାହିଁ,
ଥିବ ଯେତେ ଦୂର କର୍ତ୍ତବ୍ୟ ପଥରେ
ମୋ ସ୍ନେହ ଭୁଲିବ ନାହିଁ ।

ସେନେହ ମମତା ଅନ୍ତର ପ୍ରୀତି
ଜଳେ ଦାଉ ଦାଉ ଝଲସେ ନିତି,
ଆସେ ନୂଆବର୍ଷ ଉଲ୍ଲାସ ଭରି
ଅନ୍ତରୁ ମୋ ପଡ଼େ ଶୁଭେଚ୍ଛା ଝରି
ତୁମରି ପାଇଁ,
ଅଭିନନ୍ଦନ ମୋ ନୂଆ ସକାଳରେ
ନୂଆ ସୂରୁଯଟି ଆସିଲେ ଉଇଁ ।

ହଳଦିଆ କନିଆରୀ
ଫୁଲ ଫୁଟେ ଡାଳରେ
ତୁମ କଥା ମନେ ପଡ଼େ
ସାଙ୍ଗ ସାଥି ମେଳରେ ।

ସ୍କୁଲ ବାରି ପଛ ପଟେ
ଅଳିଆ ଗଦା;
ସାଙ୍ଗଙ୍କୁ ମୋର ଭାରି ଶରଧା ।

Digitized by PPRACHIN, SOA

ଅରୁଆ ଭାତକୁ ଟମାଟୋ ଖଟା
ସାଙ୍ଗକୁ ମୋର ଟା... ଟା... ।

ନୂତନ ବର୍ଷରେ ଦେବା ପାଇଁ ପାଖେ
ନାହିଁ କିଛି ମୋର ଧନ,
ତୁମକୁ ଦେଉଛି ମମତା ମୁଠାଏ
ଏହି ମୋ ଅଭିନନ୍ଦନ ।

Digitized by PPRACHIN, SOA

ଆରାଧନା ସାରି ବାହୁଡ଼େ ପୂଜାରୀ
ହାତରେ କଳସୀ ଧରି;
ସବୁଦିନ ପରି ଲାଗି ରହିଥାଉ
ସ୍ନେହ ମମତାର ଡୋରି ।

ଗୋଲାପ ଫୁଲର ହାର;
ଚିଠି ଲେଖିବାରେ ମୁଁ ତରତର
ରାଗିବୁନି ଲୋ ମକର ।
ବାଡ଼ ସେପାଖେ ତୁମ ଘର
ବାଡ଼ ଏପାଖେ ଆମ ଘର
ଝୁରୁଛି ମନ ମୋର ।
ହାତେ ନ ଦେଇ ଫୁଲ ଚନ୍ଦନ
ଦୂରରୁ ଜଣାଉଛି ଅଭିନନ୍ଦନ ।

ଅଲେଇଚ ଗୁଜୁରାତି
ପୋସ୍ତକ ଦାନା,
ଏ ଗ୍ରୀଟିଂସ୍ ଦେଖିବାକୁ ଅନ୍ୟକୁ ମନା ।

ବନ୍ଧରେ ଖେଳୁଛି ବାଳିଆ ମାଛ
ସାଙ୍ଗ ମୋର ତୁମେ କିପରି ଅଛ ।

Digitized by PPRACHIN, SOA

ଆକାଶେ ଚନ୍ଦ୍ରମା ଜଳରେ କଇ
ତୁମକୁ ମୋ ରାଣ ଭୁଲିବ ନାହିଁ ।

ଗୋଲାପ ଗଛରେ କଣ୍ଟା
ମନେ ପକାଇବ ଘଣ୍ଟାକୁ ଘଣ୍ଟା ।

ଉଡ଼ି ଉଡ଼ି ଯିବୁରେ ପାରା,
କାହାରିକୁ ନ ଦେବୁ ଧରା ।



Digitized by PPRACHIN, SOA

ସାଙ୍ଗ ବସିଥିବେ ସାଙ୍ଗ ମେଳରେ
ପତ୍ର ନେଇ ଦେବୁ ତାଙ୍କ ହାତରେ ।

ନିତି ପୂଜିଯାଏ ଶିବ ମନ୍ଦିର
ପୂଜାରେ କି ମନ ଲାଗେ,
କିପରି ପାଇବି ତୁମ ଦରଶନ
ଏତିକି କଲ୍ୟାଣ ମାଗେ ।

Digitized by PPRACHIN, SOA

ବଗ ଉଡ଼ି ଗଲେ ଦୂର ରାଇଜ
ବଗୁଲୀ ଝରାଏ ଲୁହ;
ତୁମ କଥା ଯଦି ମନେ ପଡ଼େ ମୋର
ଅନ୍ତରରେ ଉଠେ କୋହ ।

ସୀତା ଠାକୁରାଣୀ ଅଶୋକ ବନେ
ମୋ ପତ୍ର ଖୋଲିବ ଆନନ୍ଦ ମନେ ।

କଇଁ ଫୁଲ ଥାଏ ଗହିର ଭିତରେ
ଫୁଲ ଫୁଟେ ଅଗ ଡାଳେ;
ମୁହିଁ ସିନା ଥାଏ ମୁଥପଦା ଗ୍ରାମେ
ତୁମେ ଥାଅ ବହୁ ଦୂରେ ।

ଗୋଲାପ ଫୁଲର ଆସନ ସଜାଇ
ବଡ଼ ହୋଇନାହିଁ କେହି,
ଦୁଃଖରେ ଜୀବନ ଯେ ଗଢ଼ି ଶିଖିଛି
ସୁଖ ଥୁଆ ତାହା ପାଇଁ ।

ସ୍ନେହର ବନ୍ଧନ ଅତି ହିଁ କଠିନ
ତା'ର ବିନୁ ମୁକ୍ତି ନାହିଁ,
ଥିଲେ ଯେତେ ଦୂରେ କର୍ତ୍ତବ୍ୟ ପଥରେ
ସ୍ମୃତି ଏକା ଥାଏ ରହି ।

Digitized by PPRACHIN, SOA

ବନାରସୀ ପାଟ ସାଇତି ରଖିଲେ
ଦିନେ ହେଲେ ଚିରିଯିବ,
ସ୍ନେହ ମମତାକୁ ସାଇତି ରଖିଲେ
ଚିରଦିନ ପାଇଁ ଥିବ ।

ଉଡ଼ି ଉଡ଼ି ଯିବୁ ପାରା ମୋହର
ସାଙ୍ଗେ ନେଇଯିବୁ ମୋର ଖବର,
ସାଙ୍ଗ ବସିଥିବ ସାଙ୍ଗ ମେଳରେ
ଚିଠି ନେଇ ଦେବୁ ତାଙ୍କ ହସ୍ତରେ ।

Digitized by PPRACHIN, SOA

ଏତିକି ଲେଖି ମୁଁ ବିଦାୟ ନେଉଛି
ଅଧିକ ହେଲାଣି ରାତି,
କଲମରୁ ମୋର କାଳି ସରିଲାଣି
ଘାରିଲାଣି ନିଦ୍ରା ଅତି ।

ଶିଶିରେ କି ଫୁଲ ଫୁଟେ ବିନା ବରଷଣେ
ଚିଠିରେ କି ମନ ବୁଝେ ବିନା ଦରଶନେ ?

ଧନୀ ନୁହେଁ ମୁଁ ତ ପାରିବିନି ଦେଇ
ଗୋଲାପ ଫୁଲର ହାର,
କବି ନୁହେଁ ମୁଁ ତ ପାରିବିନି ଦେଇ
କବିତାର ଉପହାର ।

ରିକ୍ତରେ ଅଟେ ସିକ୍ତ ମୁଁ
ଆଉ କିଛି ସଂଚିତ ସ୍ନେହ,
କେବଳ ଅଛି ସାଇତା ହୋଇ
ସବୁଦିନ ତୁମ ପାଇଁ ।

ପୁଷ୍ପିତ ହେଉ ଚଲାପଥ ତୁମ
ଜୀବନର ପ୍ରତିକ୍ଷଣ,
ସାହା ହେଉଥାନ୍ତୁ କାଳିଆ ଠାକୁର
ଡାକୁଛି ମୁଁ ପ୍ରତିଦିନ ।

Digitized by PPRACHIN, SOA

ସୁଣା ଉପହାର ନାହିଁ ମୋର ପାଖେ
ନାହିଁ ତ ଗୋଲାପ ଫୁଲ;
ଆସୁଅଛି ନୂଆ ବରଷ ଆଗକୁ
ଦେବି କିବା ଉପହାର ।

ଲିଭି ଲିଭି ଯାଏ ଜୀବନ ପ୍ରଦୀପ
ଝରି ସରି ଆସେ ଆୟୁ,
ଏ ନୂଆବରଷରେ ଏ ନୂଆ ଦିନରେ
ଏତିକି ସନ୍ତକ ଥାଉ ।

Digitized by PPRACHIN, SOA

ସୁରଭିତ ହେଉ ସଂଗ୍ରାମ ପଥ
ଫୁଟିଲା ଫୁଲର ଗନ୍ଧେ;
ଜନମର ଅର୍ଥ, ବ୍ୟର୍ଥ ନ ହେଉ
ଜଟିଳ ଜୀବନ ପଥେ ।

Digitized by PPRACHIN, SOA

କାହିଁ ଚାଲିଯାଏ ଦିନ ପରେ ଦିନ
ମାସ ପୁଣି କେତେ ଯେ ବରଷ
ଦେଇଯାଏ କିଛି ସ୍ମୃତି ଅନୁଭୂତି
ଦୁଃଖ ଓ ସୁଖର ଅଭୁଲା ପରଶ ।

ଗାଈ ବୋବାଏ ହମା,
ସାଙ୍ଗକୁ ମୋର ଚୁମା ।

ପିଙ୍ଗୁଳି ପତ୍ର ଓଲଟା ଓଲଟା
ସାଙ୍ଗକୁ ମୋର ଟା... ଟା... ।

Digitized by PPRACHIN, SOA

ଚନ୍ଦନ ବରଷୁ କୁସୁମେ କୁସୁମେ
ସୁଧାଝର ଝରିଯାଉ;
ତୁମର ମୋ ପ୍ରତି ଯେଉଁ ସ୍ନେହ ଥିବ
ଚିରଦିନ ପାଇଁ ଥାଉ ।

ମନ ବିଚାରକୁ ତୋଳି ସ୍ନେହରେ
ଗୋଲାପ ଗୁନ୍ଥେ ମମତାର ଡୋରେ
ସାଦରେ ମଣିବ ଉପହାର ମୋର
ଛୋଟ ନ ମଣି ମନରେ ।

ସୁନ୍ଦର ଜୀବନ ତବ
ପ୍ରତିଦିନ ପ୍ରତି ମାସ ସାରା ଏ ବରଷ;
ଚକାଡ଼ୋଳା ପାଖେ ଏତିକି ମୋ ଅଳି,
ଭରି ଦେଉ ତୁମ୍ ପାଇଁ
ସୁଖ ଆଉ ଆନନ୍ଦର ମେଞ୍ଚା ମେଞ୍ଚା ପରଶ ।

କର୍ପୂର ଯାଇଛି କନା ପଡ଼ିଅଛି
ସ୍ୱାର୍ଥପର ଆଜି ଉତ୍କଳ ଜନ,
ଜୀବନ ହୁଅଇ ସାର୍ଥକ,
ପର ଉପକାର ପ୍ରଥମ ବ୍ରତ, ରଖ ହେ ମନ ।

ପିମ୍ପୁଡ଼ି ଛୋଟ ହେଲେ ବି
ତୀକ୍ଷ୍ଣ ଅଟେ ବୁଦ୍ଧି ତା'ର;
ପିମ୍ପୁଡ଼ି ଛୋଟ ହେଲେ ବି
ମମତା ଅତି ଗଭୀର ।

Digitized by PPRACHIN, SOA

ମୁଁ ଯେବେ ଫୁଟିବି ତୁମ ବଗିଚାରେ
ପ୍ରତିଟି ଗୋଲାପ ହୋଇ,
ତୋଳି ନେଉଥିବ ତୁମେ ସେ ଗୋଲାପ
ଛାତିରେ ଖୋସିବା ପାଇଁ ।

Digitized by PPRACHIN, SOA

ଯଶ ସିନା ଲିଭିଯାଏ ଦୂର ସେପାରିରେ

ଦେହ ସିନା ମିଶିଯାଏ ମଶାଣି ଭୂଇଁରେ

ବନ୍ଧୁ କିନ୍ତୁ ବଞ୍ଚି ରହେ ବନ୍ଧୁର ସ୍ମୃତିରେ ।

Digitized by PPRACHIN, SOA

ଝରା କଲମରୁ ଝରିଲା କାଳି
ଅକ୍ଷର ଦେଖି ନ ଦେବ ଗାଳି ।

ଗ୍ରୀଟିଂସ୍ ଲେଖୁ ଲେଖୁ
ଲିଭିଲା ଲାଇଟ୍,
ତୁମକୁ ମୋର ଗୁଡ୍ ନାଇଟ୍ ।

ନୂତନ ବର୍ଷକୁ ଅଭିନନ୍ଦନ ଜଣାଇବ
ପୁରୁଣା ବର୍ଷକୁ ବିଦାୟ ଦେବ ।

ଉଡ଼ି ଉଡ଼ି ଯା' ଲୋଟଣିପାରା
ବାଟରେ କାହାକୁ ନଦେବୁ ଧରା
ଯାଇ ପହଞ୍ଚିବୁ ସାଙ୍ଗ ପାଖରେ
ସାଙ୍ଗ ବସିଥିବ ମନ ଦୁଃଖରେ
ଆଗ ନମସ୍କାର ଜଣାଇ ଦେବୁ
ପଛେ ଅଭିମାନ କରି ବସିବୁ
ଖାଇବାକୁ ଦେଲେ ଖାଇବୁ ନାହିଁ
ମୋ କଥା ପଚାରିଲେ କହିବୁ ନାହିଁ ।

ଉଡ଼ିଗଲା ଏରୋପ୍ଲେନ୍ ପଡ଼ିଗଲା ଛାଇ
ବଡ଼ ଘର ଝିଅ ତୁମେ ପଚାରିବ କାହିଁ ?

Digitized by PPRACHIN, SOA

ସାଇରେ ଟଗର ବାଡ଼ିରେ ମଲ୍ଲୀ
ନୂଆ ସାଙ୍ଗ ଦେଖି ନ ଯିବ ଭୁଲି ।

ଗ୍ରୀଟିଂସ୍ ଲେଖୁଥିଲି ରାତିରେ
ଅଏଲ୍ ସରିଗଲା ବତୀରେ ।

Digitized by PPRACHIN, SOA

ନବବର୍ଷର ନୂତନ ମୁହୂର୍ତ୍ତରେ
କିଛି ନାହିଁ ଦେବା ପାଇଁ,
ହୃଦୟର ଭରା ମମତା ଦେବାକୁ
କୁଣ୍ଠିତ ହୋଇବ ନାହିଁ ।

ନବବର୍ଷର ଆଗମନ୍ ଆଜି
ହେଉ ଶୁଭ ସୂର୍ଯ୍ୟୋଦୟ,
ଭଗବାନ ତୁମ ସଭିଙ୍କୁ ଭରସା
ମଙ୍ଗଳେ ମଙ୍ଗଳମୟ ।

ପୁରୁଣା ବରଷ ରହିଯାଏ ଏକ
ସ୍ମୃତିର ଝଲକ ହୋଇ;
ନୂତନ ବର୍ଷର ସୁପ୍ରଭାତ ଆସେ
କେତେ ଆଶା ରୂପ ନେଇ ।

ନବ ବରଷର ନୂତନ ସକାଳ,
ଆଣି ଦେଉ ଖାଲି ଫୁଲର ଫସଲ
ହସର ଆକାଶ ଖୁସିର ସାଗର ।

ଭୁଲି ନାହିଁ ମୁହିଁ ଭୁଲିବି ନାହିଁଟି
ନୁହେଁ ମୋର ଭୁଲାମନ,
ମରିଗଲେ ଅବା ଭୁଲିଯାଇପାରେ
ଏହା ମୋ ସତ୍ୟ ବଚନ ।

Digitized by PPRACHIN, SOA

କଅଁଳ କାକୁଡ଼ି ବହଳ ଚୋପା
କାଟିଦେଲି ପରିବାକୁ,
ଅଳପ ଦିନରେ ବହୁତ ସେନେହ
ଝୁରି ଝୁରି ମରିବାକୁ।

ଆମ ଦାଣ୍ଡ ଦ୍ୱାରେ ଟଗର ଗଛ
ଚିଠିରେ ଲେଖିବ କିପରି ଅଛ ।

Digitized by PPRACHIN, SOA

ଅଳପ ଦିନରେ ବହୁତ କଥା ଲୋ
ପବନେ ମିଳେଇ ଗଲା;
ଅଳପ ଦିନର ସାଙ୍ଗ ସାଥୀ ଆମ
କୁଆଡ଼େ ଉଭେଇ ଗଲା ।

ଆକାଶ ଦେହରେ ଚନ୍ଦ୍ରମା ଉଠଇ
ଜଳର ମଧ୍ୟରେ କଇଁ,
ବହୁଦିନ ପରେ ପତ୍ର ଲେଖୁଛି ଲୋ
ମନରୁ ଭୁଲିବ ନାହିଁ ।
ହେଉଥିଲେ ଆମେ କେତେ କଥାବାର୍ତ୍ତା
ବସି ବାଡ଼ି ଅଗଣାରେ;
ସେହିଦିନ କଥା ପାସୋରି ଦେଇ ଲୋ
ରହିଲୁ ଯାଇ ଦୂରରେ ।
ରାଜାରାଣୀ ଭେଟ ହୋଇଲେ ହୋଇବ
ଯାଇ ପାଚେରି ତଳରେ;
ତୁମ ଆମ ଭେଟ ହୋଇବ ଯାଇ ଲୋ
ଥିବ ଯଦି ଭାଗ୍ୟ ବଳେ ।
ଅଧଘଣ୍ଟା ପାଇଁ ଭେଟ ମିଳୁନାହିଁ
ତୋର ମୋ ସାଙ୍ଗରେ,
ଠାକୁରଙ୍କ ପାଶେ କରୁଛି ଜଣାଣ
ପଡୁଅଛି ପାଦତଳେ,

Digitized by PPRACHIN, SOA

ସ୍ନେହ ଆହା କି ସେ ଅମୂଲ୍ୟ ଧନ
ସରି ନୁହେଁ ତା'ର ମଣିକାଂଚନ
ଚାହିଁ ବସିଥାଏ ଦିବସ ନିଶା
ମନେ ଭାବୁଥାଏ ନୂତନ ଆଶା
ପାଇବାର ପାଇଁ ସ୍ନେହପତର
ମନ ହେଉଥାଏ ଅତି ବିକଳ ।

ତୁମ ସ୍ନେହ ଶ୍ରଦ୍ଧା ନ ଭୁଲି
ପତ୍ର ଲେଖିଛି ମୁହିଁ,
ଭୁଲ୍ ଯେବେ ଏଥି ଥିବ ଗୋ
କେବେ ବାରିବ ନାହିଁ ।

Digitized by PPRACHIN, SOA

ଆନନ୍ଦ ମନରେ ସାଙ୍ଗ ଗୋ
ପତ୍ର ପଢ଼ିବ ଖୋଲି,
ଦୁଃଖିନୀ ସାଂଗକୁ କେବେ ଗୋ
ତୁମେ ନ ଯିବ ଭୁଲି ।
ସେଥିପାଇଁ ପତ୍ର ଲେଖିଲି
ମୁହିଁ ଆନନ୍ଦ ମନେ,
କିପରି ଏ ପତ୍ର ମିଳିବ
ତୁମରି ସନ୍ନିଧାନେ ।

ତୁମ ସ୍ନେହ ଶ୍ରଦ୍ଧା ମୁଁ ଯେବେ
ଭୁଲି ନ ପାରେ ଆଉ,
ଶୀଘ୍ର ମୁଁ ଏ ପତ୍ର ଲେଖିଲି
ତୁମ ପାଖକୁ ଯାଉ ।

ଉଡ଼ିଉଡ଼ି ଯିବୁ ସମୀର ସାଥିରେ
କା' ଆଗେ ନ କହି କଥା,
ଜଣାଇବୁ ଧୀରେ ସାଙ୍ଗ ପାଶେ ଯାଇ
ମୋ ମନର ବ୍ୟାକୁଳତା ।
ବସିଥିବେ ସିଏ ମନ ମାରି ଦୁଃଖେ
ନ ପାଇ ଚିଠି ଉତ୍ତର;
ଗୋଲାପି ଓଠଟି ଶୁଖି ଯାଇଥିବ
ଝରୁଥିବ ଅଶ୍ରୁଝର ।

Digitized by PPRACHIN, SOA

ଲାଜକୁଳି ଲତା ଝାଉଁଳି ଯିବଟି
ନ ପାଇଣି ମୋର ଭାଷା
ମୋ ହସ୍ତ ଲିଖିତ ପତ୍ରକୁ ସିଏ ତ୍
କରୁଥିବ କେତେ ଆଶା ।

Digitized by PPRACHIN, SOA

ନୂତନ ବର୍ଷର ପରଶ ପାଇଣ
ଚୋରା ବସନ୍ତ ଆସଇ,
ଗେହ୍ଲା ସାଙ୍ଗଙ୍କ ମନ ଗହନରେ
ନୂଆ କୋଇଲି ରାବଇ ।

ନୂଆ ଆଶା ନେଇ ନୂଆ ଭାଷା ଦେଇ
ନୂଆବର୍ଷଟି ଆସଇ;
ସଭିଙ୍କ ମଥାରେ ପରମେଶ୍ୱରଙ୍କ
ନୂଆ ଆଶିଷ ଝରଇ ।

ଏହି ନବବର୍ଷ ତୁମରି ଜୀବନେ
ଭରିଦେଉ ପ୍ରେମ ପ୍ରୀତି,
ତୁମେ ହେଉଥାଅ ସଭିଙ୍କ ପାଇଁକି
ଅମୃତ ସନ୍ଧାନ ଯାତ୍ରୀ ।

କାହିଁ କେଉଁ ଦେଶେ ଅଜଣା ରାଇଜେ
ରହିଚୁ ମଉନ ହୋଇ,
ଉପରେ ଆକାଶ ତଳେ ବସୁମତୀ
ଏ ଚିଠି ତୋହରି ପାଇଁ ।

ବିଗତ ଦିନର ଅମା ଅନ୍ଧକାର
ଦୂରେଇ ଯାଇଛି ଦୁଃଖ ସେ ଦିନର
ନୂତନ ବରଷେ ଆହେ ଚକାଡ଼ୋଳା,
ସୁଖେ ଭାସିଯାଉ ଆମ ପ୍ରୀତିଭେଳା ।

Digitized by PPRACHIN, SOA

ପୁଷ୍ପମୟ ହେଉ ତୁମ ଚଲାପଥ
ଚାଲୁଥାଅ ଧର୍ମପଥେ;
ସୁଖୀ ରଖିଥା'ନ୍ତୁ ତୁମକୁ ଠାକୁରେ
ତୁମ ଦୁହିଁଙ୍କର ସାଥେ ।

ଘୋଡ଼ା ଚାଲେ ଦମ୍ ଦମ୍
ସାଙ୍ଗକୁ ମୋର ସ୍ୱାଗତମ୍ ।



Digitized by PPRACHIN, SOA

ସାରୁ ଗଛ ଡେଙ୍ଗା ଡେଙ୍ଗା
ଗ୍ରୀଟିଂସ୍ ନ ପଠେଇଲେ ଖାଇବୁ ଠେଙ୍ଗା ।

କୋଠାଘରେ ଭଙ୍ଗା ଟାଇଲି
ମୋ ସାଙ୍ଗଟି ଭାରି ଷ୍ଟାଇଲି ।

ନବ ବରଷର ପହିଲି ଦିନରେ
ମନରେ ଭରିବୁ ଖୁସି;
ପ୍ରଣତି ଜଣାଏ ପ୍ରଭୁଙ୍କ ନିକଟେ
ଯେହ୍ନେ କୁମୁଦ ଓ ଶଶି ।

ବିଗତ ବରଷ ଅନୁଗମନରେ
ଆସଇ ନବ ବରଷ
ସେନେହ ଶ୍ରଦ୍ଧାର ଅମୃତ ମହକ
ଜୀବନେ ଦିଏ ସରସ ।

ଗୁରୁ ଗୁରୁଜନ ସଭିଙ୍କୁ ପ୍ରଣାମ
ଏ ନବ ବରଷେ ମୋର;
ଏ ଅଭିନନ୍ଦନ ତୁମ ହସ୍ତେ ଦେଲି
ଚାହିଁ ରହିଲି ଉତ୍ତର ।

Digitized by PPRACHIN, SOA

ଦେହ ଜଳିଯାଏ ମଶାଣି ଭୂଇଁରେ
ଯଶ ରହିଯାଏ ସଦା ଏ ପାରିରେ,
ସମ୍ପର୍କଟା ବଞ୍ଚିରହେ ସବୁଦିନେ
ଦେହ ଓ ମନରେ ।

Digitized by PPRACHIN, SOA

ସଡ଼କ ଉପରେ ଶଗଡ଼ ଗାଡ଼ି
ତମେ ମନେ ପଡ଼ ଘଡ଼ିକି ଘଡ଼ି ।

ତାଳ ବରଡ଼ାରେ ବାଇ ଚଢ଼େଇ
ଧୀର ପବନରେ ଦୋଳି ଖେଳଇ
ତମ କଥା ସଦା ମନେ ପଡ଼ଇ ।

ନୂଆ ବରଷରେ କିସ ଦେବି ମିତ
ତମ ମନଲାଖି ଉପହାର,
ଅସାର ସଂସାର ଅଳିକ ମାତର
ସମ୍ପର୍କଟା ଥାଉ କାଳକାଳ ।

ନଈ ଯାଏ ଧାଇଁ ଧାଇଁ,
ତୁମକୁ ମୋ ରାଣ ରହିଲା ଅଶୋକ
ମୋ କଥା ଭୁଲିବ ନାହିଁ ।

ପୁଷରେ ପୁଷ୍ପିତ ପୁଷ୍ପ ପାରିଜାତ
ପୁଷରେ ଲେଖୁଛି ମୁହିଁ,
ପୁଷ୍ପିତ ହେଉ ତମ ଚଲାପଥ
କାମନା ମୋହର ଏହି ।

Digitized by PPRACHIN, SOA

କଅଁଳ କାକୁଡ଼ି ବହଳା ଚୋପା
କାଟି ଦେଲି ପରିବାକୁ ;
ଅଳପ ଦିନର ସାଙ୍ଗ ହୋଇଥିଲେ
ଝୁରିଝୁରି ମରିବାକୁ ।

କାଚ୍ ଗିଲାସରେ କମଳା ଲେମ୍ବୁ
ମନେ ପକାଇବ ବିଦେଶୀବାବୁ !

Digitized by PPRACHIN, SOA

ନଈ ଆରପଟେ ତେନ୍ତୁଳି ଗଛ
ତମେ ସବୁଦିନେ ମନରେ ଅଛ ।
ଗୋବର ଗଦାରେ ଫୁଟିଛି କଇଁ
ତୁମକୁ ମୋର ରାଣ ଭୁଲିବ ନାହିଁ
ରହିଲି ତମର ଚିଠିକୁ ଚାହିଁ ।

କଦଳୀ ଗଛରେ ଲମ୍ବା ପତର
ଚିଠି ପାଇ ସାଙ୍ଗ ଦେବ ଉତର ।
କଲରା ପତର ପିତା,
ମୋ'ଠାରେ ସାଂଗ କଲ ଅହନ୍ତା
ନଦେଲ କାହିଁ ବାରତା ।

Digitized by PPRACHIN, SOA

ଅଶୋକ ଗଛରେ ଅଶୋକ କଢ଼ି
ମନେ ପକେଇବ ଘଡ଼ିକି ଘଡ଼ି
ନୂଆ ସାଥୀ ପାଇ ଯାଉଛ ଛାଡ଼ି ।

ଅକ୍ଷର ଛଟା କଲମ ଫଟା
ତୁମକୁ ମୋର ଟା... ଟା... ।

କାଚ୍ ଗିଲାସରେ ଗିଲାସେ ପାଣି
ମନେ ପକାଇବ ଭାଉଜ ରାଣୀ
ଭାଇ ପାଇଁ ମତେ ଭୁଲି ଯିବନି ।

Digitized by PPRACHIN, SOA

ଚାକୁଣ୍ଡା ଗଛର ଚକା ପତର
ଚିଠି ଲେଖୁଛି ମୁଁ ଥରକୁ ଥର
ଭୁଲି ଯିବୁନି ମୋତେ ଲୋ ମକର ।
ଛଅ ପରେ ଅଙ୍କ ସାତ,
ମନେ ପକାଉଥିବ ଲୋ ସଂଗାତ ।

Digitized by PPRACHIN, SOA

ବାପା ପଢୁଥିଲେ ପୋଥି
ବୋଉ ବାଢ଼ିଦେଲା ମେଥି ବାଇଗଣ
ମନେ ପଡ଼ିଗଲ ସାଥୀ ।
କୂଅ ମୂଳେ ଜାଇ ଯୁଇ
ନୂଆ ବନ୍ଧୁ ପାଇ ତୁମକୁ ମୋ ରାଣ
ପର କରିଦେବ ନାହିଁ ।

ଶିମିଳି ଗଛର ଫୁଲ,
ନୂଆ ନୂଆ କେତେ ସ୍ନେହ କରୁଥିଲ
ଏବେ କିମ୍ବା ଭୁଲିଗଲ !



Digitized by PPRACHIN, SOA

ଚିଠି ପାଇ ଚିଠି ଦେବୁ,
ନ ହେଲେ ବଉଳ ଆଉ ଦିନେ କାଳେ
ମୋ ପତର ନ ପାଇବୁ ।

Digitized by PPRACHIN, SOA

ଟଗର ଫୁଲର ମାଳ,
ଜହ୍ନି ଓଷା, ଖୁଦୁରୁକୁଣୀରେ ତୋ କଥା
ମନେ ପଡ଼େ ଲୋ ବଉଳ ।

Digitized by PPRACHIN, SOA

ନଡ଼ିଆ ଗଛର ଛାଇ;
ଦିନେ କାଳେ ନୁହେଁ ଏ ଭାବ ରହିବ
କାଳ କାଳକୁ ଲୋ ଚାହିଁ ।

Digitized by PPRACHIN, SOA

ମରିଗଲା ପରେ ମଶାଣି ଭୂଇଁରେ
ଯଦି ମୁଁ ପାଉଁଶ ହୁଏ,
ତଥାପି ତୁମକୁ ଗୋଲାପ ଫୁଲଠୁ
ଅଧିକ ମୁଁ ଭଲ ପାଏ ।

Digitized by PPRACHIN, SOA

ନବବର୍ଷର ସୁପ୍ରଭାତରେ
ଏତିକି କାମନା ମୋର,
ପୁଷ୍ପିତ ହେଉ ତୁମ ଚଲାପଥ
ସୁଖୀ ହୁଅ ନିରନ୍ତର ।

Digitized by PPRACHIN, SOA

ସ୍ନେହର ଜଞ୍ଜିର ସବୁଠୁ କଠିନ
ତା' କବଳୁ ମୁକ୍ତି ନାହିଁ,
ଥିବୁ ଯେତେ ଦୂରେ କର୍ତ୍ତବ୍ୟ ପଥରେ
ମୋ ସ୍ନେହ ଭୁଲିବୁ ନାହିଁ ।

Digitized by PPRACHIN, SOA

Digitized by PPRACHIN, SOA

ଇ.ଜି ପବ୍ଲିକେଶନ୍ସ ଦ୍ୱାରା ପ୍ରକାଶିତ ଓ ସର୍ବସ୍ୱତ୍ତ୍ୱ ସଂରକ୍ଷିତ

Digitized by PPRACHIN, SOA